ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କରୋନା ଲଢ଼େଇ ପାଇଁ କୃପାଳୁ ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

**ଭୁବନେଶ୍ୱର, ୨୯/୪/୨୧**

ରାଜ୍ୟର କରୋନା ଲଢେଇରେ ଯୋଗଦାନ ସ୍ୱରୂପ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ଏନ୍.ଆର୍.ଆଇ. ଡ଼ଃ ସୀତାକାନ୍ତ ଦାଶଙ୍କ ତରଫରୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୫ ଲକ୍ଷ ଟଙ୍କା ଦାନ କରାଯାଇଛି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଲୋକସେବା ଭବନରେ ବିଶ୍ୱବିଦ୍ୟାଳୟର ସଭାପତି ସ୍ୱାମୀ ମୁକୁନ୍ଦାନନ୍ଦ ଓ ରେଜିଷ୍ଟ୍ରାର ଶ୍ରୀ ମଧୁସୂଦନ ମିଶ୍ରଙ୍କଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି।

ଏହି ଅବସରରେ ବର୍ତ୍ତମାନ ଆମେରିକାରେ ବାସକରୁଥିବା ଡ଼ଃ ଦାସ ଭିଡ଼ିଓ କଲ୍ ମାଧ୍ୟମରେ ମୁଖ୍ୟ ଶାସନ ସଚିବଙ୍କ ସହ କଥା ହୋଇଥିଲେ । ଡ଼ଃ ଦାସ ବର୍ତ୍ତମାନ ଆମେରିକା ଓଡ଼ିଆ ସୋସାଇଟିର ସଭାପତି ଏବଂ ମହାନଗରୀ 'ମାଇନ୍‌ପୋଲିସ୍' ହିନ୍ଦୁ ମନ୍ଦିର ଅଧ୍ୟକ୍ଷ ଅଛନ୍ତି । ଡ଼ଃ ଦାସ କହିଥିଲେ ଯେ ଏହା ମୋର ମାତୃଭୂମି ପାଇଁ ବିନମ୍ର ନିବେଦନ । ମୁଁ ଆଶାକରୁଛି ମୋର ଏହି ନିବେଦନ ଆମେରିକା ତଥା ବିଶ୍ୱର ଅନ୍ୟାନ୍ୟ ଦେଶରେ ବାସକରୁଥିବା ଓଡ଼ିଆ ଏନ୍.ଆର୍.ଆଇ. ମାନଙ୍କୁ ନିଜ ମାତୃଭୂମି ଓଡ଼ିଶାର ସହଯୋଗ ନିମନ୍ତେ ଅନୁପ୍ରେରିତ କରିବ ।

ଏତାଦୃଶ ମାନବୀୟ ସହଯୋଗ ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଡ଼ଃ ଦାସଙ୍କୁ ଓଡ଼ିଶା  ସରକାରଙ୍କ ତରଫରୁ ସାଧୁବାଦ ଜଣାଇବା ସହ ଓଡ଼ିଶାରେ ନିର୍ମାଣାଧିନ ଜଗଦ୍‌ଗୁରୁ କୃପାଲୁ ବିଶ୍ୱବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ ଆଶା କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ